## ହଜାର ହଜାର ବେକାର ଯୁବକ ଯୁବତୀ ଠକାମିର ଶିକାର ହେବା ଆଶଙ୍କା

# ସାବଧାନ, ବୁଲୁଛି ଜଙ୍ଗଲ ବିଭାଗର କ୍ଲୋନ୍ !

ଭୁବନେଶ୍ୱର,୧୧।୭/ଏନ୍‌ଏନ୍‌ଏସ୍:

ସାଇବର ଲୁଟ୍‌ର ସାଙ୍ଘାତିକ ତରିକା । ଟାର୍ଗେଟ୍‌ରେ ବେକାର ଯୁବକ-ଯୁବତୀ । ଆଉ ମାଧ୍ୟମ ସାଜିଛି ଖୋଦ୍ ସରକାରଙ୍କ ବିଭିନ୍ନ ବିଭାଗର ୱେବ୍‌ସାଇଟ୍ । ସରକାରୀ ୱେବ୍‌ସାଇଟ୍‌ର କ୍ଲୋନ୍ କରି ମାର୍କେଟରେ ନିଯୁକ୍ତି ବିଜ୍ଞାପନ ଛାଡ଼ିଛନ୍ତି ଦୁର୍ବୃତ୍ତ । ଏଭଳି ଠକେଇର ଶିକାର ହୋଇଛି ରାଜ୍ୟ ସରକାରଙ୍କର ଜଙ୍ଗଲ ବିଭାଗ । ଜଙ୍ଗଲ ବିଭାଗର ୱେବ୍ ହେଉଛି odishaforest.in । ହେଲେ ଏହି ଠିକଣାରେ ଗୋଟିଏ 's' ଯୋଡ଼ି ଅର୍ଥାତ୍ odishaforests.inରେ ସରକାରୀ ୱେବ୍‌ସାଇଟ୍‌ର ଅବିକଳ ଡୁପ୍ଲିକେଟ୍ ୱେବ୍‌ସାଇଟ୍ ତିଆରି କରିଛନ୍ତି ସାଇବର ଦୁର୍ବୃତ୍ତ । ମୁଖ୍ୟମନ୍ତ୍ରୀ, ଜଙ୍ଗଲ ସଚିବ ପିସିସିଏଫ୍‌ଙ୍କ ଫଟୋ ଲଗାଇ ୱେବ୍‌ସାଇଟ୍‌କୁ ଏମିତି ତିଆରି କରାଯାଇଛି ଯାହା ଡୁପ୍ଲିକେଟ୍ ବୋଲି ଆଦୌ ଜଣାପଡୁନାହିଁ । ଏଭଳି ୱେବ୍‌ସାଇଟ୍ ତିଆରି ପଛରେ ରହିଛି ବଡ଼ଧରଣର ଠକେଇ ଉଦ୍ଦେଶ୍ୟ । କ୍ଲୋନ୍ ୱେବ୍‌ସାଇଟ୍‌ରେ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରାଯାଉଛି । ଗତ ଏପ୍ରିଲ୍‌ରେ ଫରେଷ୍ଟ ଗାର୍ଡ ପାଇଁ ସରକାର ଆବେଦନ ଆହ୍ୱାନ କରିଥିବା ଏହି ୱେବ୍‌ସାଇଟ୍‌ରେ ଦର୍ଶାଯାଇଥିଲା । ଆଉ ପ୍ରତି ଆବେଦନକାରୀଙ୍କ ପିଛା ୧୦୦ ଟଙ୍କା ମଧ୍ୟ ନିଆଯାଇଛି । ରାଜ୍ୟରେ ବେକାରୀ ସମସ୍ୟା ଉତ୍କଟରୂପ ନେଇଥିବା ବେଳେ ସରକାରୀ ନିଯୁକ୍ତିର ବିଜ୍ଞାପନର ପ୍ରଲୋଭନରେ ହଜାର ହଜାର ଯୁବକଯୁବତୀ ଆବେଦନ ମଧ୍ୟ କରିଛନ୍ତି । ବଡ଼ ଦକ୍ଷତାର ସହ ଏହି ୱେବ୍‌ସାଇଟ୍‌କୁ ତିଆରି କରାଯାଇଛି; ଯାହାକୁ ଜଣେ ସହଜରେ ବିଶ୍ୱାସ କରିନେବ । ହେଲେ 'ନିତିଦିନ'ର ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଏହା ସରକାରଙ୍କ ଓ୍ୱେବ୍‌ସାଇଟ୍ ନୁହେଁ । ଏହାର କଣ୍ଟାକ୍ଟ ଅପ୍ସନ୍‌କୁ ଗଲେ ନଟ୍ ଫାଉଣ୍ଡ ଲେଖା ଆସୁଛି । ଏହି ନକଲି ୱେବ୍‌ସାଇଟ୍‌ର କାରନାମା ଗଲା ୪ ମାସ ହେଲା ଚାଲିଥିଲେ ବି ଜଙ୍ଗଲ ବିଭାଗ ଚୁପ୍ । ଅସଲି ୱେବ୍‌ସାଇଟ୍‌ରେ କେବଳ ଏହା ଆଲର୍ଟ ସ୍କ୍ରୋଲ୍ ଛାଡ଼ିଦେଇ ହାତ ବାନ୍ଧି ବସିଛି ବିଭାଗ । ଏ ନେଇ ପିସିସିଏଫ୍ ଦେବବ୍ରତ ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଏ ନେଇ ଅବଗତ ଥିବା କହିଛନ୍ତି । କିଭଳି ସେ କ୍ଲୋନ୍ ୱେବ୍‌ସାଇଟ୍‌କୁ ବନ୍ଦ କରାଯିବ ସେ ନେଇ ଆଲୋଚନା ଚାଲିଥିବା କହିଛନ୍ତି । ତେବେ ଯେଉଁ ପ୍ରାର୍ଥୀ ନକଲି ୱେବ୍‌ସାଇଟ୍ ଆଧାରରେ ଚାକିରି ଲାଗି ଆବେଦନ କରିଛନ୍ତି ସେମାନଙ୍କ ପାଇଁ ଜଙ୍ଗଲ ବିଭାଗ ଦାୟୀ ରହିବନି ବୋଲି ସେ ସ୍ପଷ୍ଟ କରିଛନ୍ତି ।

▶▶ ୭

ନିତିଦିନ NITIDIN
Thu, Jul 12, 2018
http://odishanewsnitidin.com